# NATIONAL NEWS BULLETIN (ODIA)

**22 April - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆଇ ଗଟ୍ କର୍ମଯୋଗୀ ପ୍ଲାଟଫର୍ମ ବ୍ୟବହାର ମାଧ୍ୟମରେ ଶିକ୍ଷାକୁ ଜୀବନବ୍ୟାପୀ ଅଭ୍ୟାସରେ ପରିଣତ କରିବାକୁ ପ୍ରଶାସନିକ କର୍ମଚାରୀଙ୍କୁ ପରାମର୍ଶ ଦେଲେ ପ୍ରଧାନମନ୍ତ୍ରୀ

- ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ଏକବର୍ଷ ପୂରଣ ପରିପ୍ରେକ୍ଷୀରେ ପ୍ରାଣହରାଇଥିବା ଲୋକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

- ପୃଥିବୀର ସୁରକ୍ଷା ଓ ସଂରକ୍ଷଣ ଉଦ୍ଦେଶ୍ୟ ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଧରିତ୍ରୀ ଦିବସ ।

- ଭାରତ ଓ ଜର୍ମାନୀ ଦ୍ୱିପାକ୍ଷିକ ସଂପର୍କ ସମୟ ସହ ତାଳଦେଇ ସୁଦୃଢ଼ ହେଉଛି, କହିଲେ ପ୍ରତିରକ୍ଷା ମନ୍ତ୍ରୀ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍‌ସ ଓ ରାଜସ୍ଥାନ ରୟାଲ୍‌ସ ମଧ୍ୟରେ ହେବ ମ୍ୟାଚ୍

---

## ପିଏମ୍ ସିଭିଲ୍ ସର୍ଭାଣ୍ଟ

ବିକଶିତ ଭାରତ ଗଠନ ଲକ୍ଷ୍ୟ ସହିତ ନିଜସ୍ୱ ବୃତ୍ତିଗତ ପ୍ରୟାସକୁ ସମନ୍ୱିତ କରିବାକୁ ପ୍ରଶାସନିକ କର୍ମଚାରୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି । ପ୍ରଶାସନିକ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଲେଖିଥିବା ଏକ ଚିଠିରେ ଶ୍ରୀ ମୋଦୀ ନିରନ୍ତର ଶିକ୍ଷା ଏବଂ ଦକ୍ଷତା ନିର୍ମାଣ ପ୍ରତି ସେମାନଙ୍କର ଅଙ୍ଗୀକାରବଦ୍ଧତାକୁ ପ୍ରଶଂସା କରିଛନ୍ତି । କର୍ମଯୋଗୀ ସାଧନା ସପ୍ତାହରେ ପ୍ରଶାସନିକ କର୍ମଚାରୀଙ୍କ ଅଂଶଗ୍ରହଣ ଉପରେ ଶ୍ରୀ ମୋଦୀ ଆଲୋକପାତ କରିବା ସହ କହିଛନ୍ତି, ସପ୍ତାହେ ବ୍ୟାପି ଏହି ଶିକ୍ଷା ମହୋତ୍ସବ ଦେଶବ୍ୟାପୀ ପ୍ରଶାସନିକ କର୍ମଚାରୀଙ୍କୁ ଏକତ୍ର କରିପାରିଛି । ନିରନ୍ତର ଶିକ୍ଷା ପ୍ରତି ଅଙ୍ଗୀକାରବଦ୍ଧତା ସକାରାତ୍ମକ ଶକ୍ତିର ଉତ୍ସ । ଶ୍ରୀ ମୋଦୀ କହିଛନ୍ତି ଏକବିଂଶ ଶତାବ୍ଦୀ ହେଉଛି ଅନେକ ଆହ୍ୱାନର ସମୟ । ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ଆଧାରରେ ବିଭିନ୍ନ କ୍ଷେତ୍ରରେ ସୁଯୋଗର ବ୍ୟାପକ ପରିବର୍ତ୍ତନ ଘଟିଚାଲିଛି । ଦେଶବାସୀ ଏବଂ ବିଶ୍ୱ ଭାରତଠାରୁ ଅନେକ କିଛି ଆଶା ରଖିଛନ୍ତି । ଆଇ ଗଟ୍ କର୍ମଯୋଗ ପ୍ଲାଟଫର୍ମ ବ୍ୟବହାର ମାଧ୍ୟମରେ ଶିକ୍ଷାକୁ ଜୀବନବ୍ୟାପୀ ଅଭ୍ୟାସରେ ପରିଣତ କରିବାକୁ ଶ୍ରୀ ମୋଦୀ ପ୍ରଶାସନିକ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି ।

---

## ପହଲଗାମ-ଟେରୋର୍ ଆଟାକ୍

ଜାମ୍ମୁ କାଶ୍ମୀରରେ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ୧ ବର୍ଷ ପୂରଣ ପରିପ୍ରେକ୍ଷୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରାଣ ହରାଇଥିବା ଲୋକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ

ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ଏଭଳି ଘୃଣ୍ୟ କାର୍ଯ୍ୟ ଏବଂ ନିରୀହ ବ୍ୟକ୍ତିଙ୍କର ଜୀବନହାନି ଆମ ସମସ୍ତଙ୍କ ସ୍ମୃତିରେ ଲିପିବଦ୍ଧ ହୋଇ ରହିଛି । ଦେଶରୁ ଯେକୌଣସି ପ୍ରକାର ଆତଙ୍କବାଦକୁ ମୂଳୋତ୍ପାଟନ କରିବା ପାଇଁ ସରକାରଙ୍କ ଅଙ୍ଗୀକାରବଦ୍ଧତା ଉପରେ ରାଷ୍ଟ୍ରପତି ଆଲୋକପାତ କରିଛନ୍ତି । ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହ ଏଭଳି ପରିସ୍ଥିତିରେ ସମଗ୍ର ଦେଶ ସେମାନଙ୍କ ସହିତ ଉପସ୍ଥିତ ରହିଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ତାଙ୍କ ବାର୍ତ୍ତାରେ ଏଭଳି ଅମାନବୀୟ କାର୍ଯ୍ୟ ଦେଶରେ ଶାନ୍ତି, ଏକତା ଓ ମାନବତାର ସ୍ଥାୟୀ ମୂଲ୍ୟବୋଧକୁ କ୍ଷୁର୍ଣ୍ଣ କରିପାରି ନାହିଁ ବୋଲି ସେ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, କୌଣସି ପ୍ରକାର ଆତଙ୍କବାଦ କାର୍ଯ୍ୟକଳାପ ସମ୍ମୁଖରେ ଭାରତ ନତମସ୍ତକ ହୋଇନାହିଁ । ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିବାରେ ଭାରତ ଏକତାର ସହ ମୁକାବିଲା କରିଆସିଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଜାମ୍ମୁ କାଶ୍ମୀରର ପହଲଗାମଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଗତ ବର୍ଷ ଏପ୍ରିଲ୍ ୨୧ ତାରିଖରେ ୨୬ ଜଣ ନିରିହ ଲୋକଙ୍କର ପ୍ରାଣହାନୀ ହୋଇଥିଲା । ଏହି ଆକ୍ରମଣକୁ ବିଶ୍ୱସ୍ତରରେ ନିନ୍ଦା କରାଯାଇଥିଲା । ଆକ୍ରମଣର ପ୍ରତି ଜବାବରେ ଭାରତ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା ।

ଗତ ବର୍ଷ ମେ ମାସ ୬ ଓ ୭ ତାରିଖ ରାତିରେ ନିୟନ୍ତ୍ରଣରେଖା ପାର କରି ପାକିସ୍ତାନର ଆତଙ୍କବାଦୀ ଭିତ୍ତିଭୂମିକୁ ଭାରତୀୟ ସେନା ପକ୍ଷରୁ ଲକ୍ଷ୍ୟ ଭେଦି ଆକ୍ରମଣ କରାଯାଇଥିଲା । ପାକ୍ ଅଧିକୃତ ଜାମ୍ମୁ କାଶ୍ମୀର ଅଞ୍ଚଳରେ

୯ଟି ଆତଙ୍କବାଦୀ ଶିବିର ନଷ୍ଟ ହେବା ସହ ୧୦୦ରୁ ଅଧିକ ଆତଙ୍କବାଦୀ ଏବଂ ଏହି କାର୍ଯ୍ୟକଳାପ ସହ ସଂଶ୍ଳିଷ୍ଟ ବ୍ୟକ୍ତି ନିହତ ହୋଇଥିଲେ। ଭାରତର ପ୍ରତିରକ୍ଷା ଇତିହାସରେ ଏହା ଏକ ନିର୍ଣ୍ଣାୟକ ସମୟ ଭାବେ ସ୍ମରଣ କରାଯାଇଥାଏ ।

## ଧରିତ୍ରୀ ଦିବସ

ପୃଥିବୀର ସୁରକ୍ଷା ଓ ସଂରକ୍ଷଣ ଉଦ୍ଦେଶ୍ୟରେ ଆଜି ଧରିତ୍ରୀ ଦିବସ ପାଳନ କରାଯାଉଛି। ଚଳିତ ବର୍ଷର ବାର୍ତ୍ତା ରହିଛି **'ଆମ କ୍ଷମତା ଆମ ଗ୍ରହ'।** ୧୯୭୦ ମସିହା ଏପ୍ରିଲ ୨୨ ତାରିଖରେ ଆମେରିକାରେ ପ୍ରଥମଥର ପାଇଁ ଧରିତ୍ରୀ ଦିବସ ପାଳନ କରାଯାଇଥିଲା। ଏକ ଉତ୍ତମ ଭବିଷ୍ୟତ ଓ ସୁସ୍ଥ ପୃଥିବୀର ଗଠନ ଲାଗି ସମସ୍ତଙ୍କୁ ସଚେତନ କରାଇବା ଏହି ଦିବସ ପାଳନର ମୂଳଲକ୍ଷ୍ୟ। ଏହି ଅବସରରେ ବିଭିନ୍ନ ସରକାରୀ, ବେସରକାରୀ ଏବଂ ଘରୋଇ ସଂସ୍ଥା ପକ୍ଷରୁ ଚାରା ରୋପଣ, ପରିବେଶ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି।

## ଭିପି-ଶପଥପାଠ

ବିଶ୍ୱ ଧରିତ୍ରୀ ଦିବସ ଅବସରରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଦେଶବାସୀଙ୍କୁ ଧରିତ୍ରୀର ରକ୍ଷା ଏବଂ ସଂରକ୍ଷଣ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇବା ପାଇଁ ପରାମର୍ଶ ଦେଇଛନ୍ତି । ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ ଶ୍ରୀ ରାଧାକ୍ରିଷ୍ଣନ କହିଛନ୍ତି, ଭାରତର ସଭ୍ୟତାଗତ ବିଚାରଧାରାରେ ପ୍ରକୃତି ସହ ସାମଞ୍ଜସ୍ୟର ବହୁକାଳରୁ ମହତ୍ତ୍ୱ ରହିଆସିଛି । ତାମିଲ କବି ତିରୁବଲ୍ଲୁବର୍‌ଙ୍କ କଥାକୁ ଉଲ୍ଲେଖ କରି ଉପରାଷ୍ଟ୍ରପତି କହିଛନ୍ତି, ବିବିଧ ଜୈବବିବିଧତାର ଅର୍ଥ ହେଉଛି ସମ୍ବଳର

ସଚେତନ ଏବଂ ସହଭାଗୀ ବ୍ୟବହାର ମାଧ୍ୟମରେ ସମଗ୍ର ଜୀବଜଗତର ଯତ୍ନ ନେବା । ଶ୍ରୀ ରାଧାକ୍ରିଷ୍ଣନ ଦେଶବାସୀଙ୍କୁ ସ୍ଥାୟୀ ଜୀବନଶୈଳୀ ଆପଣାଇବା ଏବଂ ବିଶ୍ୱ ଜଳବାୟୁ ପରିବର୍ତ୍ତନ ଓ ପରିବେଶଗତ ଆହ୍ୱାନର ସମ୍ମୁଖୀନ ହେଉଥିବାରୁ ଏକ ସବୁଜ ଓ ସ୍ୱଚ୍ଛ ଭବିଷ୍ୟତ ପାଇଁ ଏକତ୍ର ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ।

## ୟାର୍ଥ ଡେ- ଆକାଶବାଣୀ

ବିଶ୍ୱ ଧରିତ୍ରୀ ଦିବସ ଅବସରରେ ଆକାଶବାଣୀ ସମ୍ବାଦସେବା ବିଭାଗର ମହାନିର୍ଦ୍ଦେଶକ ଧୀରଜ୍ ଏମ୍. କାକାଡିଆ ନୂଆଦିଲ୍ଲୀର ଆକାଶବାଣୀ ଭବନ ପରିସରରେ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଶପଥପାଠ କରାଇଛନ୍ତି । ଏହି ଶପଥପତ୍ରରେ ସେ ଶକ୍ତି, ବିଦ୍ୟୁତ୍‌ର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ । ସ୍ୱଚ୍ଛ ସବୁଜ ଏବଂ ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହିତ କରିବା ଜଳ ଏବଂ ପ୍ରାକୃତିକ ସମ୍ପଦର ସଂରକ୍ଷଣ କରିବା ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ ।

## ରାଜନାଥ-ବର୍ଲିନ୍

ଭାରତ ଓ ଜର୍ମାନୀ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ କ୍ରମଶଃ ସମୟ ସହ ତାଳ ଦେଇ ସୁଦୃଢ଼ ହେଉଛି ବୋଲି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି । ଜର୍ମାନୀର ବର୍ଲିନ୍‌ଠାରେ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ କରି କହିଛନ୍ତି, ଭାରତ ଓ ଜର୍ମାନୀ ମଧ୍ୟରେ ସୁଦୃଢ଼ ରାଜନୈତିକ ଓ ରଣନୈତିକ ସଂପର୍କ ରହିଥିଲେ ମଧ୍ୟ ସମ୍ମିଳିତ ଉଦ୍ୟମ ମାଧ୍ୟମରେ କଳା ଏବଂ ସଂସ୍କୃତି କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରନ୍ତି । ଦୁଇ ରାଷ୍ଟ୍ର ମଧ୍ୟରେ ଆନୁଷ୍ଠାନିକ ଭାବେ କୂଟନୈତିକ ସଂପର୍କର ୭୫ ବର୍ଷ ପୂରଣ ହୋଇଛି

ବୋଲି ସେ କହିଛନ୍ତି । ୟୁରୋପରେ ଭାରତର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର ହେଉଛି ଜର୍ମାନୀ ଏବଂ ଭାରତରେ ୨୦୦୦ରୁ ଅଧିକ ଜର୍ମାନୀ କମ୍ପାନୀ ବ୍ୟବସାୟ କରୁଛନ୍ତି ବୋଲି ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି ।

**V/O**

ଏହା ପୂର୍ବରୁ ହମ୍‌ବୋଲ୍‌ଟ୍ ବିଶ୍ୱବିଦ୍ୟାଳୟ  ଶ୍ରୀ ସିଂ ପରିଦର୍ଶନ କରିବା ସହ ରବିନ୍ଦ୍ରନାଥ ଟାଗୋରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

# ବିଜେପି-ଇସିଆଇ ଡେଲିଗେସନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୁଦ୍ଧରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କ ଆପତ୍ତିଜନକ ମନ୍ତବ୍ୟ ପରିପ୍ରେକ୍ଷୀରେ ବିଜେପିର ଏକ ପ୍ରତିନିଧିମଣ୍ଡଳୀ ଆଜି ନିର୍ବାଚନ କମିଶନଙ୍କୁ ସାକ୍ଷାତ କରିଛନ୍ତି । ଦଳର ବରିଷ୍ଠ ନେତା ନିର୍ମଳା  ସୀତାରମଣ, କିରେନ୍ ରିଜିଜୁ, ଅର୍ଜୁନରାମ ମେଘୱାଲ ଏବଂ ଅରୁଣ ସିଂ ପ୍ରମୁଖ ଏହି ପ୍ରତିନିଧି ମଣ୍ଡଳୀରେ ସାମିଲ ହୋଇଥିଲେ । ଗଣମାଧ୍ୟମ ସହ ଆଲୋଚନା ବେଳେ ଶ୍ରୀ ରିଜିଜୁ କହିଛନ୍ତି, କୌଣସି ରାଜନୈତିକ ଦଳ ବ୍ୟବହାର କରୁଥିବା ଏଭଳି ଭାଷା ଗଣତାନ୍ତ୍ରିକ ପଦ୍ଧତିରେ ଏକ ଘୃଣ୍ୟ କାର୍ଯ୍ୟ ଏବଂ ଏହା ଦେଶକୁ ବିଭିନ୍ନ କ୍ଷେତ୍ରରେ ଦୁର୍ବଳ କରିଥାଏ । ପ୍ରତିନିଧି ମଣ୍ଡଳୀର ଦାବି ସଂପର୍କରେ ଆଲୋକପାତ କରି ଶ୍ରୀ ରିଜିଜୁ କହିଛନ୍ତି, ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ । ନିର୍ବାଚନ କମିଶନ ଏ ସଂପର୍କରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଶ୍ରୀ ରିଜିଜୁ କହିଛନ୍ତି ।

**V/O**

ଦଳର ଅନ୍ୟତମ ବରିଷ୍ଠ ନେତା ନିର୍ମଳା ସୀତାରମଣ କହିଛନ୍ତି, କଂଗ୍ରେସ ଦଳ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ବିରୁଦ୍ଧରେ ବାରମ୍ବାର ଅପମାନଜନକ ଭାଷା ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି ।

# ସେନ୍‌ସସ

୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଏପର୍ଯ୍ୟନ୍ତ ଦେଶବ୍ୟାପୀ ୨୬ ଲକ୍ଷରୁ ଅଧିକ ପରିବାର ସ୍ୱ-ଗଣନା ସୁବିଧାର ସୁଫଳ ପାଇଛନ୍ତି । ଭାରତର ରେଜିଷ୍ଟ୍ରାର ଜେନେରାଲ୍ ଏ ସଂପର୍କରେ ସୂଚନା ଦେଇ କହିଛନ୍ତି, ଜନଗଣନା ଅଧୀନରେ ଡିଜିଟାଲ ମାଧ୍ୟମ ଉପଯୋଗରେ ନାଗରିକଙ୍କ ବୃଦ୍ଧି ପାଉଥିବା ଅଂଶଗ୍ରହଣକୁ ଏହା ପ୍ରତିପାଦନ କରୁଛି । ଅନ୍‌ଲାଇନ ମାଧ୍ୟମରେ ସେମାନଙ୍କର ବିବରଣୀ ପଞ୍ଜୀକୃତ ହେବା ସରଳ ହୋଇପାରିଛି । ଚଳିତମାସ ପହିଲାରୁ ଦେଶବ୍ୟାପୀ ଜନଗଣନାର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଛି । ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ଅରୁଣାଚଳପ୍ରଦେଶ, ଚଣ୍ଡୀଗଡ଼, ଛତିଶଗଡ଼, ହରିଆଣା ଏବଂ ବିହାରରେ ଏବେ ସ୍ୱ-ଗଣନା ବ୍ୟବସ୍ଥା ଜାରି ରହିଛି । ତେବେ ଗୋଆ, କର୍ଣ୍ଣାଟକ, ମିଜୋରାମ, ଓଡ଼ିଶା, ସିକିମ୍, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଲାକ୍ଷାଦ୍ୱୀପ, ଦାଦ୍ରା ଓ ନଗରହାବେଲୀ ଏବଂ ଡାମନ ଓ ଡିଉ, ଜାତୀୟ ରାଜଧାନୀ ମହାନଗର ଅଞ୍ଚଳ ଓ କ୍ୟାଣ୍ଟନମେଣ୍ଟ ସ୍ଥାନରେ ଆବାସ ତାଲିକା ପ୍ରସ୍ତୁତି ଓ ଗଣନା କାର୍ଯ୍ୟ ଜାରି ରହିଥିବା ସେ କହିଛନ୍ତି । ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ବର୍ଷ ଫେବୃୟାରୀ ମାସରେ ଆରମ୍ଭ ହେବ । ବୟସ, ଲିଙ୍ଗ, ବୃତ୍ତି, ସାକ୍ଷରତା ଏବଂ ଜାତି ବିବରଣୀ ସମେତ ବ୍ୟକ୍ତିଗତ ତଥ୍ୟ ସଂଗ୍ରହ ଉପରେ ଏହି ପର୍ଯ୍ୟାୟରେ ଧ୍ୟାନ କେନ୍ଦ୍ରୀଭୂତ ହେବ ବୋଲି ରେଜିଷ୍ଟ୍ରାର ଜେନେରାଲ୍ ସୂଚନା ଦେଇଛନ୍ତି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ଲକ୍ଷ୍ନୌ ସୁପର ଜ୍ୟାଏଣ୍ଟସ୍ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଲକ୍ଷ୍ନୌର ଏକନା କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ ।

ଗତକାଲିର ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ୪୭ ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି ।

---